মেসর্স ଜାତୀୟ ଆଲୁମିନିୟମ କୋ. ଲିମିଟେଡ

ବନାମ

ରାଜ କିଶୋର ଓରଫ୍ ସାହୁ ଜେନା ଏବଂ ଅନ୍ୟଜଣେ

ଜାନୁଆରୀ 9,1996

[କେ.ରାମାସ୍ୱାମୀ ଏବଂ ଜି.ବି.ପଟ୍ଟନାୟକ,ନ୍ୟାୟମୂର୍ତ୍ତି ଦ୍ୱୟ ]

*ଜମି ଅଧିଗ୍ରହଣ ଅଧିନିୟମ,1894 :*

*କ୍ଷତିପୂରଣ ଏବଂ ଅନ୍ୟାନ୍ୟ ସୁବିଧା-ନିର୍ଣ୍ଣୟ,ପୂର୍ବ ରାୟ ଦ୍ୱାରା ଅନ୍ତର୍ଭୁକ୍ତ -ପକ୍ଷ ଉପ-ନ୍ୟାୟାଧୀଶଙ୍କ ସମ୍ମୁଖରେ ବିଚାରାଧୀନ କାର୍ଯ୍ୟାନୁଷ୍ଠାନରେ ପକ୍ଷଭୁକ୍ତ ହେବାର ଅଧିକାରୀ ଅଟନ୍ତି ।*

*ୟୁ.ପି. ଆଭାସ ଏଭମ୍ ବିକାଶ ପରିଷଦ ବନାମ ଜ୍ଞାନ ଦେବୀ (ମୃତ),* ବିଧିକ ପ୍ରତିନିଧିମାନଙ୍କ ଦ୍ୱାରା ଏବଂ *ଅନ୍ୟମାନେ,* **ଜେ.ଟି. (1994) 7 ଏସ୍ ସି 304 ,ପ୍ରଯୁଜ୍ୟ ।**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 2239/1996

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସି.ଆର୍.ସଂଖ୍ୟା. 72/1992ରେ ତା 11.3.93 ରିଖ ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅଶୋକ କୁମାର ଗୁପ୍ତା

ପ୍ରତିବାଦୀମାନଙ୍କ ପାଇଁ ସୁଶ୍ରୀ କୀର୍ତ୍ତି ମିଶ୍ର

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଅନୁମତି ପ୍ରଦାନ କରାଗଲା ।

ଯଦିଓ ପ୍ରତିବାଦୀମାନଙ୍କୁ ସୂଚନା ଜାରି କରାଯାଇଥିଲା, ପ୍ରଥମ ପ୍ରତିବାଦୀ-ଦାବିଦାରଙ୍କ ପାଇଁ କେହି ହାଜର ହୋଇନଥିଲେ । ବିବାଦ ଆଉ ଅନିର୍ଣ୍ଣିତ ବିଷୟ ନୁହେଁ । ସେମାନେ *ୟୁ.ପି.ଆଭାସ ଏଭମ ବିକାଶ ପରିଷଦ ବନାମ ଜ୍ଞାନ ଦେବୀ (ମୃତ)* ବିଧିକ ପ୍ରତିନିଧିମାନଙ୍କ ଦ୍ୱାରା *ଏବଂ ଅନ୍ୟମାନେ,* ଜେ.ଟି. (1994) 7 ଏସ୍.ସି. 304 ରେ ଦିଆଯାଇଥିବା ଏହି ନ୍ୟାୟାଳୟର ରାୟ ଦ୍ୱାରା ଅନ୍ତର୍ଭୁକ୍ତ । ସେହି ଦୃଷ୍ଟିକୋଣରୁ, ଆବେଦନକାରୀ ହିତାଧିକାରୀ ହୋଇଥିବାରୁ, ସେ ଅଧୀନସ୍ଥ ବିଚାରପତି, ଅନୁଗୁଳ ନ୍ୟାୟାଳୟଙ୍କ ବିଚାରାଧୀନ କାର୍ଯ୍ୟାନୁଷ୍ଠାନରେ ପକ୍ଷଭୁକ୍ତ ହେବାର ଅଧିକାରୀ ଅଟନ୍ତି ।

ତଦନୁସାରେ ଆବେଦନକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା: ସସ୍ମିତା ନାଏକ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ